**୨୪.୦୯.୨୦୨୫**

## ଅଯୋଗ୍ୟ ହିତାଧିକାରୀଙ୍କୁ ବାହାର କରିବାକୁ ପଦକ୍ଷେପ

**ଅଣତାରକା ପ୍ରଶ୍ନ ସଂଖ୍ୟା ୨୦୮୮ – ଶ୍ରୀ ଅନନ୍ତ ନାରାୟଣ ଜେନା: ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-** ଇ - କେୱାଇସି ଦ୍ୱାରା 100 % ଅଯୋଗ୍ୟ ହିତାଧିକାରୀ ଜଣାପଡ଼ିବ କି; ଯେଉଁମାନେ ଭୁଲ ତଥ୍ୟ ଦେଇ ଚଞ୍ଚକତା କରି ରାସନ ପାଉଛନ୍ତି ସେମାନେ କିପରି ଧରାପଡ଼ିବେ; ଭୁବନେଶ୍ୱର ସହରରେ କୋଠା, ଛାତପକ୍କା ୩ ବଖରିଆ ଘର, ୨ ଟି ୪ ଚକିଆ ଗାଡ଼ି ଥାଇ ଜମି ପଟ୍ଟାରେ ଗାଁ ଠିକଣା ଥିବ ସେମାନଙ୍କୁ ଧରିବାର ମାଧ୍ୟମ କଣ ;୩ ମାସ ଭିତରେ ଇ-କେୱାଇସି ନ ହେଲେ କେବଳ ରାସନ କାର୍ଡ଼ ସମ୍ପୂର୍ଣ ବନ୍ଦ ହେବ କିମ୍ବା ଗୋପବନ୍ଧୁ ଜନଆରୋଗ୍ୟ କାର୍ଡ଼ ବନ୍ଦ ହେବା ଆଗରୁ ଭୁଲ ତଥ୍ୟ ପ୍ରଦାନକରି ଲୁଟିଥିବା ରାସନ ସାମଗ୍ରୀ ବାବଦରେ କଣ ପଦକ୍ଷେପ ନେବେ ?

**ଉତ୍ତର**

**ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ:** ଆଧାର ଇ-କେ.ୱାଇ.ସି ଯାଞ୍ଚ ପ୍ରକ୍ରିୟା ଦ୍ୱାରା ହିତାଧିକାରୀଙ୍କ ସଦ୍ୟ ଉପସ୍ଥିତି ବାୟୋମେଟ୍ରିକ ଜରିଆରେ ପ୍ରମାଣିତ ହୋଇଥାଏ । ଆବେଦନ ପତ୍ରରେ ଭୁଲ ତଥ୍ୟ ଦେଇ ତଥା ଚଞ୍ଚକତା କରି ରାସନ କାର୍ଡ଼ ହାତେଇ ଥିବା ଅଯୋଗ୍ୟ ବ୍ୟକ୍ତିଙ୍କୁ, ତୃଣମୂଳ ସ୍ତରରେ, ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା (ଲକ୍ଷ୍ୟ ଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା) ନିୟମ ୨୦୨୦ ଦ୍ୱାରା ଜାରୀ କରାଯାଇଥିବା ବାଦଦେବା ମାନଦଣ୍ଡକୁ ଭିତ୍ତିକରି, ସଦ୍ୟ ଯାଞ୍ଚ ସମୟରେ ହିଁ ସାବ୍ୟସ୍ତ କରାଯାଇଥାଏ ଏବଂ ଯୋଗ୍ୟ ରାସନ କାର୍ଡ଼ ତଥ୍ୟାବଳୀରୁ ବାଦ ଦିଆଯାଇଥାଏ ।

ଗତ ଜୁନ ୨୦୨୪ ପରଠାରୁ, ରାଜ୍ୟରେ ୧୮.୦୯.୨୦୨୫ ତାରିଖ ପର୍ଯ୍ୟନ୍ତ, ସମୁଦାୟ ୩୦,୧୨୫ ଅଯୋଗ୍ୟ ରାସନ କାର୍ଡ଼ଧାରୀ ଯାହାଙ୍କର ପରିବାର ସଦସ୍ୟଙ୍କ ସଂଖ୍ୟା ୧,୦୯,୮୫୩, ଏବଂ ୬,୩୮,୯୯୬ ଜଣ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ, ରାସନ କାର୍ଡ଼ ତଥ୍ୟାବଳୀରୁ ବାଦ ଦିଆଯାଇଛି। ୩ (ତିନି) ମାସ ଭିତରେ ଇ-କେ.ୱାଇ.ସି ନହେଲେ ଖାଦ୍ୟ ସୁରକ୍ଷାରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯିବା ଉପରେ ନିଷ୍ପତ୍ତି ନିଆଯାଇ ନାହିଁ ।

***